**ଜଷ୍ଟିସ ମାର୍କଣ୍ଡେୟ କାଟଜୁ କାହିଁକି ପ୍ରେସ କାଉଁସିଲ ଅଫ ଇଣ୍ଡିଆର ଚେୟାରମ୍ୟାନ ପଦବୀରୁ ଇସ୍ତଫା ନ ଦେବେ ?**

**ଶ୍ରୀ ଅରୁଣ ଜେଟଲୀ**

ଗତ ସପ୍ତାହରେ ଦୁଇଟି ଅଣ କଂଗ୍ରେସ ରାଜ୍ୟ ତଥା ତାଙ୍କ ନେତାଙ୍କ ବିରୋଧରେ ମାନ୍ୟବର ସୁପ୍ରିମ କୋର୍ଟର ଅବସର ପ୍ରାପ୍ତ ଜର୍ଜ ଓ ଅଧୁନା ପ୍ରେସ କାଉଁସିଲ ଅଫ ଇଣ୍ଡିଆର ଚେୟାରମ୍ୟାନ ଜଷ୍ଟିସ ମାର୍କଣ୍ଡେୟ କାଟଜୁ ଖୁବ ତୀବ୍ର ମନ୍ତବ୍ୟମାନ ଦେଇଛନ୍ତି । ସେ ପି.ଆଇ.ସି ପକ୍ଷରୁ ବିହାରର ଗଣ ମାଧ୍ୟମ ସ୍ୱାଧୀନ ନୁହେଁ ବୋଲି ପ୍ରକାଶ କରିଥିଲେ ଓ ଅନ୍ୟ ଏକ ସମ୍ବାଦ ପତ୍ର ଦି ହିନ୍ଦୁ ମାଧ୍ୟମରେ ଗୁଜୁରାଟର ସରକାର ତଥା ତାଙ୍କ ମୁଖ୍ୟମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କୁ ମଧ୍ୟ ତୀବ୍ର ସମାଲୋଚନା କରିଥିଲେ ।

ଜଷ୍ଟିସ କାଟଜୁ ବିଚାରପତି ଥିବା ସମୟ ଅବଧି ମଧ୍ୟରେ କୌଣସି ବିବାଦରେ ସାମିଲ ନହୋଇ ନିଜ ପଦବୀର ନିରପେକ୍ଷତା ରକ୍ଷା କରି ଆସିଥିଲେ ଏବଂ ଜଣେ ନିର୍ବିବାଦୀୟ ବିଚାରପତି ଭାବରେ ସେ ଖ୍ୟାତ ଥିଲେ । ମାତ୍ର ଅବସର ପ୍ରାପ୍ତ ପରେ କଂଗ୍ରେସ ସରକାର ତାଙ୍କୁ ପି.ଆଇ.ସି ର ଚେୟାରମ୍ୟାନ ପଦବୀରେ ନିଯୁକ୍ତି ଦେଇଥିବାରୁ ଉକ୍ତ ଦଳ ପ୍ରତି ତାଙ୍କର ଦୁର୍ବଳତା ବୃଦ୍ଧି ପାଇଅଛି । ସେ ବିହାର ଓ ଗୁଜୁରାଟ ସହ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ସମାଲୋଚନା କରିବାକୁ ପଶ୍ଚାତପଦ ହୋଇ ନାହାନ୍ତି ।

ମୁଁ ପୂର୍ବରୁ ସୁପ୍ରିମ କୋର୍ଟ ଓ ହାଇକୋର୍ଟର ଜର୍ଜ ମାନଙ୍କର ଅବସର ପ୍ରାପ୍ତି ପରେ ତାଙ୍କୁ ସରକାରୀ ଚାକିରିରେ ପୁନଃ ନିଯୁକ୍ତି ଦେବା ନେଇ ଦୃଢ଼ ପ୍ରତିବାଦ କରିଅଛି । ଯାହାକି ତାଙ୍କର ଚାକିରିର କାର୍ଯ୍ୟକାଳ ଓ ପରବର୍ତ୍ତୀ ଚାକିରି ସମୟରେ ନିରକ୍ଷେତା ରକ୍ଷା କରିବାରେ ବାଧକ ସୃଷ୍ଟି କରିବ । ସମୟ ସମୟରେ ଚାକିରିର ପରବର୍ତ୍ତୀ ପଦବୀର ଆସକ୍ତି ତାଙ୍କୁ ଉପଯୁକ୍ତ ତଥା ନିରପେକ୍ଷ ନିଷ୍ପତ୍ତି ନେବାରେ ଅସୁବିଧା ସୃଷ୍ଟି କରାଇବ । ଆମ ଦେଶରେ ଏପରି ବିଭିନ୍ନ ବିଚାରାଳୟ ଓ ନ୍ୟାୟିକ ସଂସ୍ଥାମାନ ରହିଛି, ଯାହାକି ବହୁ ସଂଖ୍ୟକ ଅବସରପ୍ରାପ୍ତ ଜର୍ଜଙ୍କ ଦ୍ୱାରା ଭରପୂର । ତାହା ବ୍ୟତିତ ପି.ଆଇ.ସି ର ଚେୟାରମ୍ୟାନ ସର୍ବଦା ସୁପ୍ରିମ କୋର୍ଟର ଅବସରପ୍ରାପ୍ତ ଜର୍ଜ ହିଁ ହୋଇଥାଆନ୍ତି । ଉକ୍ତ ଚେୟାରମ୍ୟାନଙ୍କୁ ପ୍ରେସର ବାକ ସ୍ୱାଧୀନତା, ଗଣ ମାଧ୍ୟମର ବିଭିନ୍ନ ପ୍ରକାରର ସମସ୍ୟାର ସମାଧାନ

ଦେବାକୁ ହୋଇଥାଏ । ତାଙ୍କର ପଦବୀ ସ୍ୱଚ୍ଛତା ଓ ନିରପେକ୍ଷତା ଉପରେ ନିର୍ଭର କରେ । ସେ ନିଜେ ମଧ୍ୟ ରାଜନୀତିଠାରୁ ବହୁତ ଉର୍ଦ୍ଧ୍ୱରେ ରହିବା ଉଚିତ । ନିଜ ପଦବୀର ଉପଯୁକ୍ତ ମର୍ଯ୍ୟଦା ଦେବା ପାଇଁ ତାଙ୍କୁ ପକ୍ଷପାତିତା ଆଚରଣ ନକରିବା, ନିଜ ଗୌରବରେ ଉନ୍ମାଦ ନହେବା ଓ କିମ୍ଭୁତ କିମ୍ଭାକାର ବିଚାର ଆଦି ନଦେବା ଭଳି କେତେକେ ବ୍ୟବହାର ପ୍ରଦର୍ଶନ କରିବା ଉଚିତ । ଯେକୌଣସି ଜର୍ଜଙ୍କର ନ୍ୟାୟିକ କାର୍ଯ୍ୟ କଳାପ ସମୟରେ ତାଙ୍କୁ ନିଜ ଭାଷା ଉପରେ ସଂଯମତା ରକ୍ଷା କରିବା ମଧ୍ୟ ନିହାତି ଜରୁରୀ । ଯଦି ସେ କୌଣସି ପ୍ରକାରର ସମାଲୋଚନା କରନ୍ତି ତାହା ମଧ୍ୟ ଆଦୌ ବ୍ୟକ୍ତିଗତ ନହେବା ଓ ରାଜନୈତିକ ଦ୍ୱନ୍ଦ୍ୱଠାରୁ ଉର୍ଦ୍ଧ୍ୱରେ ହେବା ଉଚିତ ।

ଜଷ୍ଟିସ କାଟଜୁ ଜଣେ ଜର୍ଜର ସମସ୍ତ କର୍ତ୍ତବ୍ୟର ପରିସରକୁ ଲଙ୍ଘନ କରିଛନ୍ତି । ଯେଉଁ ଶାସକ ଦଳ ତାଙ୍କୁ ପଦବୀରେ ଅଭିଯୁକ୍ତ କରିଛନ୍ତି ସେ କେବଳ ତାଙ୍କରି ସପକ୍ଷରେ ହିଁ ମନ୍ତବ୍ୟ ଦେଉଛନ୍ତି । ପୂର୍ବରୁ ସେ ଏକ ଦୃଢ଼ ନେତୃତ୍ୱ ପାଇଁ ବଂଶାନୁକ୍ରମିକ ରାଜନୀତିଠାରୁ ବ୍ୟକ୍ତିର ଦକ୍ଷତାକୁ ଅଧିକ ଗୁରୁତ୍ୱ ଦେଉଥିବା ବେଳେ ଓ କୋଇଲା ଖଣି ଆବଣ୍ଟନରେ ତଥା ଟୁ-ଜି ସ୍ପେକ୍ଟ୍ରମ ର ମତାମତ ରେ ମଧ୍ୟ ସେ ଆତ୍ମସମୀକ୍ଷା କରିବା ଭଳି ମନ୍ତବ୍ୟ ଦେଇଥିଲେ । ମାତ୍ର ବର୍ତ୍ତମାନ ବହୁ ସଂଖ୍ୟକ ଜନତା ବିହାର ଉନ୍ନତି ଓ ରାଜନୀତିର ପ୍ରଶଂସା କରୁଥିବା ସମୟରେ ଜଷ୍ଟିସ କାଟଜୁ ବିହାରର ନୀତିଶ କୁମାରଙ୍କ ସମାଲୋଚନା କରିବା ସହ ସେଠାକାର ଗଣ ମାଧ୍ୟମ ସ୍ୱାଧୀନ ନୁହେଁ ବୋଲି ମନ୍ତବ୍ୟ ଦେଇଛନ୍ତି । ଗୁଜୁରାଟର ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାଇଁ ଯେଉଁ ମତାମତ ଦେଇଛନ୍ତି ଯାହାକି ଦି ହିନ୍ଦୁରେ ପ୍ରକାଶିତ ହୋଇଅଛି ତାହା ମଧ୍ୟ ତାଙ୍କର ବ୍ୟକ୍ତିଗତ ମତାମତ ଭଳି ମନେହୁଏ । ସେ କହିଛନ୍ତି କି, ୨୦୦୨ ମସିହାର ଗୋଧ୍ରାର ସାବରମତୀ ଏକ୍ସପ୍ରେସର ଜଳିବା ଆଜି ମଧ୍ୟ ସନ୍ଦେହ ଘେରରେ ରହିଅଛି । ତାହାର ଅର୍ଥ ଉକ୍ତ ଅଗ୍ନିକାଣ୍ଡରେ ଶହ ଶହ ଜନତାଙ୍କ ମୃତ୍ୟୁ ତଥା ଆହତ ପାଇଁ ଯେଉଁ ଲୋକମାନଙ୍କୁ ଦୋଷୀ ବୋଲି ଦଣ୍ଡ ଦିଆଯାଇଛି ସେ ତାଙ୍କରି ସପକ୍ଷରେ କହୁ ନାହାନ୍ତି ତ ? ସେ ଆହୁରି କହିଛନ୍ତି କି ନରେନ୍ଦ୍ର ମୋଦି ପ୍ରଥମ ସମୀକ୍ଷାରୁ ହିଁ କୌଣସି ନ୍ୟାୟିକ ଅଥରିଟିଙ୍କ ଠାରୁ ଉପଦେଶ ଗ୍ରହଣ କରି ନଥିଲେ । ସେ ବଜାରର କହିବା କଥାକୁ ନ୍ୟାୟିକ କାର୍ଯ୍ୟ କଳାପଠାରୁ ଅଧିକ ଗୁରୁତ୍ୱ ଦେଇଥିଲେ । ଆହୁରି ମଧ୍ୟ ସେ ଗୁଜୁରଟର ଅର୍ଥନୈତିକ ସ୍ଥିତିର ସମାଲୋଚନା କରିବା ଭଳି ମନ୍ତବ୍ୟ ଦେଇଥିଲେ । ସେ କହିଥିଲେ କି, ବଡ଼ ବଡ଼ ଶିଳ୍ପାଞ୍ଚଳକୁ ରିହାତି ଦେବା, ତାଙ୍କୁ କମ ମୂଲ୍ୟରେ ଜମି ଓ ବିଦ୍ୟୁତ ଶକ୍ତି ଯୋଗାଇବା ଉନ୍ନତିର ପରିମାପ ନୁହେଁ । ଉନ୍ନତିର ଅର୍ଥ ବିରାଟ ଜନ ସାଧାରଣଙ୍କ ଜୀବନ ଧାରାର

ଉନ୍ନତି । ସେ ନିଜ ମତାମତକୁ ସଠିକ ବୋଲି ସାବ୍ୟସ୍ଥ କରିବା ପାଇଁ ପରିସଂଖ୍ୟନର ମଧ୍ୟ ବ୍ୟବହାର କରିଥିଲେ । ମାତ୍ର ପ୍ରଫେସର ଜଗଦିଶ ଭଗବତୀ ଓ ଡ଼ଃ ଅରବିନ୍ଦ ପାନଗାରିଆ ନିଜର ବର୍ତ୍ତମାନର ସମ୍ପାଦକୀୟରେ ପ୍ରକାଶ କରିଛନ୍ତି କି, ଗୁଜୁରାଟ ସ୍ୱାଧୀନତା ପରଠାରୁ ସାମାଜିକ ସ୍ତରରେ ନିମ୍ନରେ ରହିଆସିଛି । ତାହାର ବର୍ତ୍ତମାନର ପ୍ରଶଂସାଯୋଗ୍ୟ ଉନ୍ନତି ପାଇଁ ବିଭିନ୍ନ ପ୍ରକାରର ଗଠନ ମୂଳକ ପରିବର୍ତ୍ତନ ଘଟିଅଛି । ଶିକ୍ଷା ବୃଦ୍ଧି ହାର ୧୯୫୧ ମସିହାରେ ୨୨% ଥିବା ବେଳେ ତାହା ୨୦୦୧ରେ ୬୧% କୁ ବୃଦ୍ଧି ପାଇଥିଲା ଓ ୨୦୧୧ରେ ତାହା ୭୯% କୁ ପହଁଚିଛି । ଶିଶୁ ମୃତ୍ୟୁ ହାର ୧୯୭୧ରେ ୧୦୦୦ରେ ୧୪୪ ଟି ଥିବା ବେଳେ ୨୦୦୧ରେ ତାହା ୬୦କୁ ଓ ୨୦୧୧ରେ ତାହା ୪୧କୁ ହ୍ରାସ ପାଇଅଛି । ଏହା ଉନ୍ନତି ନୁହେଁ ତ ଆଉ କଅଣ ?

ଜଷ୍ଟିସ କାଟଜୁ ଦେଶର ନେତା ମାନଙ୍କୁ ଯଦି ସେମାନେ ଦେଶର ପ୍ରକୃତ ଉନ୍ନତି କାମନା କରନ୍ତି ତେବେ ଗୁଜୁରାଟ ପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି । ନୋଚେତ ୧୯୩୩ ମସିହାରେ ଜର୍ମାନୀ ଯେଭଳି ଭୁଲ କରିଗଲା ତାହାକୁ ହିଁ ଦୋହରାଇବେ ବୋଲି କହିଛନ୍ତି । ମୁଁ ସ୍ୱୀକାର କରୁଛି କି, ଜଷ୍ଟିସ କାଟଜୁଙ୍କର ରାଜନୈତିକ ମତାମତ ଦେବାର ଅଧିକାର ରହିଛି । ମାତ୍ର ଯେକୌଣସି ନ୍ୟାୟିକ ସଂସ୍ଥାର ଅଂଶ ବିଶେଷ ହୋଇଥିବାରୁ ତାଙ୍କର ପ୍ରତ୍ୟେକ୍ଷ ଭାବରେ ରାଜନୈତିକ ମତାମତ ଦେବାର ଅଧିକାର ନାହିଁ । ଯଦି କୌଣସି ସୁପ୍ରିମ କୋର୍ଟର ବିଚାରପତି ମୁକ୍ତ ଭାବରେ ରାଜନୀତିରେ ଅଂଶ ଗ୍ରହଣ କରନ୍ତି ବା କୌଣସି ସରକାରୀ ଚାକିରିଆ ତେବେ ତାଙ୍କୁ ନିଲମ୍ବିତ କରାଯାଇ ପାରେ । ତେଣୁ ଜଣେ ପୂର୍ବତନ ବିଚାରପତି ଯେ କି ବର୍ତ୍ତମାନ ଏକ ନ୍ୟାୟିକ କାର୍ଯ୍ୟାଳୟ, ପି.ଆଇ.ସି ର ଚେୟାରମ୍ୟାନ ପଦବୀରେ ଅଛନ୍ତି ସେ ପ୍ରତ୍ୟେକ୍ଷ ରାଜନୀତିରେ ଅଂଶ ଗ୍ରହଣ କରିବାରୁ ଓହରି ଯାଆନ୍ତୁ ନହେଲେ ନିଜ ପଦବୀରୁ । ଜଣେ ଅବସର ପ୍ରାପ୍ତ ଜର୍ଜଙ୍କୁ ଜାଣିବା ଆବଶ୍ୟକ କି, ତାଙ୍କୁ ପୁନର୍ବାର ସରକାରୀ ଚାକିରିରେ ନିଯୁକ୍ତି ଦେବା ପରେ ତାଙ୍କୁ ରାଜନୀତିରେ ଅଂଶ ଗ୍ରହଣ କରିବା ଅପେକ୍ଷା ନିଜ ପଦବୀର ମର୍ଯ୍ୟଦା ପାଇଁ ରାଜନୈତିକ ନିରପେକ୍ଷତା ଆରରଣ କରିବା ଶ୍ରେୟ ।